# Akashvani, Sambalpur

## SAMBALPURI NEWS EVENING BULLETIN

**3 December 2024- 7.02 pm- 7.12 pm.**

**************************************************

୧- ଆଏଜ୍‌ଠାନୁ ୫ ଦିନିଆ ଓଡ଼ିଶା ଗସ୍ତଥି ଆସ୍‌ଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ଭୁବ୍‌ନେଶ୍ୱର୍ ନ ପଣ୍ଡିତ୍ ରଘୁନାଥ ମୁର୍ମୁଙ୍କର ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତିର କଲେ ଉନ୍ମୋଚନ୍ ।

୨- ଚଣ୍ଡିଗଡ୍ ନ ୩ ଟା ନୂଆଁ ଅପରାଧୀକ୍ ଆଇନ୍‌ର ସଫଲ୍ ରୂପାୟନ୍‌କେ ଦେଶ୍‌ବାସୀଙ୍କର୍ ଉଦ୍ଦେଶ୍ୟଥି ଉତ୍ସର୍ଗ କଲେ ପ୍ରଧାନ୍‌ମନ୍ତ୍ରୀ ।

୩- ଓଡ଼ିଶା ନ ରେଲ୍ ବିକାଶ୍ ଲାଗି ୭୩ ହଜାର୍ ୭ ଶହ ୨୩ କୋଟି ଟଙ୍କା ମଞ୍ଜୁର୍ କଲେ କେନ୍ଦ୍ର ସର୍‌କାର୍ ।

ଆଉର୍

୪- ଭିନ୍ନକ୍ଷମମାନ୍‌କର୍ ବିକାଶ୍ ଆଉ ସେମାନ୍‌କୁ ସମାନ୍ ସୁବିଧା ଦେବାର୍ ଲାଗି ସଚେତନ୍ କର୍‌ବାର୍‌କେ ଆଏଜ୍ ପାଲିତ୍ ହେଉଛେ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ୍ ।

ରାଷ୍ଟ୍ରପତି- ଓଡ଼ିଶା ଗସ୍ତ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍‌ଠାନୁ ୫ ଦିନିଆ ଓଡ଼ିଶା ଗସ୍ତଥି ଆସିଛନ୍ । ଆଏଜ୍ ଭୁବ୍‌ନେଶ୍ୱର୍ ନ ପୁହୁଁଚିକରି ଚନ୍ଦ୍ରଶେଖର୍‌ପୁର୍ ନୀଳାଦ୍ରୀ ବିହାର୍ ଠାନେ ଥିବା ପଣ୍ଡିତ ରଘୁନାଥ ମୁର୍ମୁଙ୍କର୍ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତିକେ ରାଷ୍ଟ୍ରପତି ଉନ୍ମୋଚନ୍ କରିଛନ୍ । ଇତାର୍‌ସହେତେ ୨ ଝନ୍ ଶିଳ୍ପୀଙ୍କୁ ଭିଲ୍ ସମ୍ମାନିତ୍ କରିଥିଲେ । ପଛେ ରାଷ୍ଟ୍ରପତି ନିଳାଦ୍ରୀ ବିହାର୍ ନ ଥିବା ଆଦିବାସୀଙ୍କର୍ ଦେବସ୍ଥାନ ଜାହେରକେ ଯାଇଥିଲେ । ସେନ ରାଷ୍ଟ୍ରପତି ପୂଜା କରିଥିବାର୍ ଜନାପଡ଼ିଛେ । ଇତାର୍ ଉତ୍‌ରୁ ରାଷ୍ଟ୍ରପତି ଭୁବ୍‌ନେଶ୍ୱର୍ ରାଜ୍‌ଭବନ୍‌କେ ଯାଇଛନ୍ । ଇ ଅବ୍‌ସରେ ରାଜ୍ୟପାଲ୍ ରଘୁବର୍ ଦାସ, ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ପ୍ରଭାତୀ ପରିଡ଼ା ଆର୍ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଉପସ୍ଥିତ୍ ଥିଲେ । ସେଆଡ଼େ ଆଏବା କାଏଲ୍ ରାଷ୍ଟ୍ରପତି ପୁରୀ ଯିବାର୍ କାର୍ଯ୍ୟକ୍ରମ୍ ରହିଛେ । ରାଷ୍ଟ୍ରପତି ପୁରୀ ଯାଇକରି ଶ୍ରୀମନ୍ଦିର୍ ନ ସଖାଲେ ମାହାପ୍ରୁରୁଙ୍କର୍ ଦର୍ଶନ୍ କର୍‌ବେ । ଇତାର୍‌ଉତ୍‌ରୁ ପୁରୀ ଗୋପବନ୍ଧୁ ଆୟୁର୍ବେଦ୍ ମହାବିଦ୍ୟାଳୟର୍ ୭୫ ନମ୍ବର୍ ବାର୍ଷିକ ଉତ୍ସବ୍‌ଥି ଯୋଗ୍ ଦେବେ । ଶେଷେ ଉପର୍‌ବେଲା

ପୁରୀ ବ୍ଲୁଫ୍ଲାଗ୍ ବିଚ୍ ନ ନୌସେନା ଦିବସ୍ ସମାରୋହଥି ରାଷ୍ଟ୍ରପତି ମୁଖ୍ୟଅତିଥି ଭାବେ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ରାଷ୍ଟ୍ରପତି- ଭିନ୍ନକ୍ଷମ ଦିବସ୍ ଆର୍‌ଏନ୍‌ୟୁ/ କଟକ୍

ଦିବ୍ୟାଙ୍ଗ ମାନ୍‌କର୍ ସାମାଜିକ ସୁରକ୍ଷା ଆର୍ ସଶକ୍ତିକରଣ୍ ଲାଗି ଆଏଜ୍ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ୍ ପାଲନ୍ କରାଯାଉଛେ । ଇ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ନୂଆଦିଲ୍ଲୀ ନ ଦିବ୍ୟାଙ୍ଗମାନ୍‌କର୍ ସଶକ୍ତିକରଣ୍ ଲାଗି ଜାତୀୟ ପୁରସ୍କାର-୨୦୨୪ ଦେଇଛନ୍ । ଇ ଅବ୍‌ସରେ ରାଷ୍ଟ୍ରପତି କହିଛନ୍ ଯେ, ଦିବ୍ୟାଙ୍ଗ ମାନ୍‌କର୍ ଲାଗି ପ୍ରତିବନ୍ଧକ ମୁକ୍ତ ସମାଜ୍ ଗଠନ୍ କର୍‌ବାର୍‌କେ ସଭେ ମିଶିକରି ଚେରେଷ୍ଟା କର୍‌ବାର୍ ଦର୍‌କାର୍ ରହିଛେ । ଦିବ୍ୟାଙ୍ଗ ମାନ୍‌କୁ ଦୟା ନାଇଁ ସମ୍ବେଦନଶୀଳତା ଦେଖାବାର୍ ଦର୍‌କାର୍ ରହିଛେ । ଦିବ୍ୟାଙ୍ଗମାନ୍‌କର୍ ଭିତ୍‌ରେ ଉଦ୍ୟମିତାକେ ତହଁକାବାର୍ ସହେତେ ସେମାନ୍‌କର୍ ଦକ୍ଷତା ବିକାଶ୍, ନିଯୁକ୍ତି ପ୍ରଦାନ୍, ଦିବ୍ୟାଙ୍ଗ ମାନ୍‌କର୍ ଜରିଏ ତିଆର୍ ହେଇଥିବା ଦରବ୍ ଘିନ୍‌ବାର୍ ଆର୍ ବିପଣନ ସୁବିଧା ଯୁଗେଇ ଦେବାର୍ ସେମାନ୍‌କର୍ ନେତୃତ୍ୱ କ୍ଷମତା

ବଢ଼ାବାର୍‌ଥି ସାହାଜ୍ କର୍‌ବା ବଲି ରାଷ୍ଟ୍ରପତି କହିଛନ୍ । ଇ ଅବ୍‌ସରେ ଉଲ୍ଲେଖନୀୟ କାମ୍ ଲାଗି ୨୨ ଝନ୍ ବ୍ୟକ୍ତି ଆର୍ ୧୧ ଟା ଅନୁଷ୍ଠାନ୍‌କେ ଜାତୀୟ ପୁରସ୍କାର୍ ଦିଆଯାଇଛେ । ଇତାର୍‌ସହେତେ ରାଷ୍ଟ୍ରପତି ଦିବ୍ୟାଙ୍ଗମାନ୍‌କର୍ ଉନ୍ନତି ଲାଗି ୧୬ ଟା କଲ୍ୟାଣ୍‌କାରୀ ପଦକ୍ଷେପ୍‌କେ ଶୁଭାରମ୍ଭ କରିଛନ୍ ।

ପ୍ରଧାନ୍‌ମନ୍ତ୍ରୀ -ଚଣ୍ଡିଗଡ଼୍ ଆର୍‌ଏନ୍‌ୟୁ/ କଟକ୍

ନୂଆଁ ନ୍ୟାୟ ସଂହିତା ଭାରତୀୟ ନ୍ୟାୟ ଯାତ୍ରାଥି ମାଇଲ୍ ଖୁଂଟ ସାବ୍ୟସ୍ତ ହେବା ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଚଣ୍ଡିଗଡ଼୍ ଠାନେ ଆଏଜ୍ ୩ ଟା ନୂଆଁ ଅପରାଧୀକ ଆଇନ୍ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଆର୍ ଭାରତୀୟ ସାକ୍ଷ୍ୟ ଅଧିନିୟମ୍‌ର ସଫଲ୍ ରୂପାୟନ୍‌କେ ଦେଶ୍‌ବାସୀଙ୍କର୍ ଉଦ୍ଦେଶ୍‌ଥି ପ୍ରଧାନ୍‌ମନ୍ତ୍ରୀ ଉତ୍ସର୍ଗ କରିଛନ୍ । ଇ ଅବ୍‌ସରେ ଶ୍ରୀ ମୋଦୀ କହିଛନ୍ ଯେ, ଦେଶ୍ ବିକଶିତ ଭାରତ୍‌ର ସଂକଳ୍ପ ନେଇକରି ଆଗ୍‌କେ ବଢୁଛେ । ଇତାର୍ ସହେତେ ସମ୍ବିଧାନ୍ ଗ୍ରହଣ୍‌ର ୭୫ ବଛର୍ ପୁରା ହେଇଛେ । ଇ ପରିପ୍ରେକ୍ଷୀଥି ନୂଆଁ ସଂହିତା ଲାଗୁ ହେବାର୍ ଭଲ୍ ଆରମ୍ଭ ଆଏ । ଇ ଆଇନ୍ ମାନ୍‌କର୍ ପରିସର ବହୁତ୍‌ଟେ ରହିଛେ । ଦେଶର୍

ସାମର୍ଥ୍ୟର ଉପଯୋଗ ଦେଶର୍ ଭଲ୍ ଲାଗି ହେବାର୍ ଦର୍କାର୍ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ଇନ ଜନେଇ ଦିଆଯାଇପାରେଯେ, ଗଲା ଜୁଲାଇ ୧ ତାରିଖ୍‌ନୁ ସାରା ଦେଶେ ଇ ନୂଆଁ ଆଇନ୍ କାର୍ଯ୍ୟକାରୀ ହେଇଥିଲା ।

ରେଲ୍‌ପ୍ରକଳ୍ପ- କେନ୍ଦ୍ର ସର୍‌କାର୍ ପି.ଆଇ.ବି.

କେନ୍ଦ୍ର ସର୍‌କାର୍ ଓଡ଼ିଶା ନ ରେଲ୍ ବିକାଶ୍ ଲାଗି ୭୩ ହଜାର୍ ୭ ଶହ ୨୩ କୋଟି ଟଙ୍କା ମଞ୍ଜୁର୍ କରିଛନ୍ । ସେନ୍ତା ଅମୃତ ଷ୍ଟେସନ୍ ଯୋଜ୍‌ନାଥି ଓଡ଼ିଶାର୍ ୫୯ଟା ଷ୍ଟେସନ୍‌ମାନ୍‌କର୍ ଫେର୍‌ଘାଏ ବିକାଶ୍ କରାଯାଉଛେ ବଲି କେନ୍ଦ୍ର ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ ସୂଚ୍‌ନା ଦେଇଛନ୍ । ସେ କହିଛନ୍ ଯେ, କେନ୍ଦ୍ର ସର୍‌କାର୍ ୧୯ ହଜାର୍ ୨ ଶହ ୮୯ କୋଟି ଟଙ୍କା ଖର୍ଚ୍ଚାଥି ୮ ଟା ନୂଆଁ ରେଲ୍‌ପ୍ରକଳ୍ପକେ ମଞ୍ଜୁରୀ କରିଛନ୍ । ଇତାର୍‌ଭିତ୍‌ରେ ବର୍‌ଗଡ୍ ରୋଡ୍- ନୂଆପଡ଼ା ରୋଡ୍ ରେଲ୍‌ଲାଇନ୍, ସର୍‌ଡେଗା-ଭାଲୁମୁଡ଼ା ନୂଆଁ ଦୋହରିକରଣ୍ ରେଲ୍‌ଲାଇନ୍, ଜୁନାଗଡ୍ ରୋଡ୍- ନବରଙ୍ଗପୁର୍ ନୂଆଁ ରେଲ୍‌ଲାଇନ୍ ରହିଛେ ।

ସେଆଡ଼େ ପ୍ରସ୍ତାବିତ୍ ରାୟଗଡ଼ା ରେଲ୍‌ମଣ୍ଡଲ୍‌କେ ଭିଲ୍ ମଞ୍ଜୁରୀ ମିଳିଛେ । ଇ ରେଲ୍‌ମଣ୍ଡଲ୍ କାର୍ଯ୍ୟାଳୟ ତିଆର୍ ଲାଗି ଶହେ ୭ କୋଟି ଟଙ୍କାର୍ ଟେଣ୍ଡର୍ ଆହ୍ୱାନ୍ କରାଯାଇଛେ । ଇ ରେଲ୍‌ମଣ୍ଡଲ୍ ତିଆର୍ ହେଲେ ଓଡ଼ିଶାର୍ ଆର୍ଥିକ ସ୍ୱାର୍ଥ ହାନୀ ନାଇଁ ହୁଏ ବଲି କେନ୍ଦ୍ର ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସ୍ପଷ୍ଟ କରିଛନ୍ । ଆଘୋନୁ ପୂର୍ବତଟ ରେଲ୍‌ପଥ ଯେନ୍ତା ୩ ଟା ଡିଭିଜନ୍ ଥିଲା ସେନ୍ତା ୩ ଟା ଡିଭିଜନ୍ ହେଇକରି ରହେବା । ଇ ବାବ୍‌ଦେ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ଯେ,

(ଭଏସ୍ ଓଭର୍- ଅଶ୍ୱିନୀ ବୈଷ୍ଣବ୍)

ଆନ୍ତର୍ଜାତିକ ଭିନ୍ନକ୍ଷମ୍ ଦିବସ

ସମ୍ବଲପୁର/ ସୁବର୍ଣ୍ଣପୁର୍/ ବୌଦ୍ଧ/ ବର୍‌ଗଡ଼୍

ଆଏଜ୍ ହେଉଛେ ଆନ୍ତର୍ଜାତିକ ଭିନ୍ନକ୍ଷମ୍ ଦିବସ୍ । ୧୯୯୨ ମସିହାନୁ ମିଳିତ୍ ଜାତିସଂଘ ଆଝିର୍ ଦିନ୍‌କେ ଭିନ୍ନକ୍ଷମ୍ ଦିବସ୍ ଭାବେ ପାଳନ୍ କରୁଛେ । ଭିନ୍ନକ୍ଷମ ଲୋକ୍‌ମାନ୍‌କର୍ ବିକାଶ୍, ଉନ୍ନତି, ସୁରକ୍ଷା, ଆର୍ ସମାଜ୍ ନ ସେମାନ୍‌କୁ ସମାନ୍ ସୁବିଧା ଦେବାର୍  ଲାଗି ଇ ଦିବସ୍ ପାଳନ୍ କରାଯାଉଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ତପସ୍ୱିନୀ ହଲ୍ ଠାନେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ୍ ପାଳନ୍ ହେଇଛେ । ଇଥି

ଅତିରିକ୍ତ ଜିଲ୍ଲାପାଲ୍ ଅଜାମ୍ବର୍ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ କାର୍ଯ୍ୟକ୍ରମ୍‌ଥି ଭିନ୍ନକ୍ଷମ ମାନ୍‌କୁ କୃତିମ ଗୋଡ଼୍, ସିଲେଇ ମିସିନ୍, ହ୍ୱିଲ୍ ଚେୟାର୍, ଟ୍ରାଇସାଇକଲ୍ ବଂଟାଯାଇଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଟାଉନ୍ ହଲ୍ ଠାନେ ଭିନ୍ନକ୍ଷମ ଦିବସ୍ ପାଲିତ୍ ହେଇଛେ । ଇ ଅବ୍‌ସରେ ଜିଲ୍ଲାର୍ ଭିନ୍ ଭିନ୍ ବିଦ୍ୟାଳୟର୍ ଛାତ୍ରଛାତ୍ରୀ, ଭିନ୍ନକ୍ଷମ ବିଦ୍ୟାଳୟର୍ ଛାତ୍ରଛାତ୍ରୀ ଆର୍ ସ୍ୱେଚ୍ଛାସେବୀମାନ୍‌କୁ ନେଇକରି ଗୁଟେ ସଚେତନତା ପଦଯାତ୍ରା ହେଇଥିଲା ।

ବୌଦ୍ଧ ଟାଉନ୍‌ହଲ୍‌ଠାନେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ୍ ପାଲିତ୍ ହେଇଛେ । ମୁଖ୍ୟଅତିଥି ଭାବେ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଯୋଗ୍ ଦେଇକରି ଦିବ୍ୟାଙ୍ଗ ମାନ୍‌କର୍ ଅଧିକାର୍ ଆର୍ ସୁରକ୍ଷା ଉପ୍‌ରେ ଆଲୋକପାତ କରିଥିଲେ । ଶେଷେ ଭିନ୍ନକ୍ଷମମାନ୍‌କର୍ ତର୍‌ଫୁ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ପରିବେଷଣ୍ କରାଯାଇଥିଲା ।

ବର୍‌ଗଡ଼୍ ଟାଉନ୍‌ହଲ୍ ଠାନେ ଆନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ହେଇଥିବା ସମାରୋହଥି ମୁଖ୍ୟଅତିଥି ଭାବେ ଜିଲ୍ଲାପାଲ୍ ଆଦିତ୍ୟ ଗୋୟଲ୍ ଯୋଗ୍ ଦେଇକରି ଭିନ୍ନକ୍ଷମ ମାନ୍‌କର୍ ଅଧିକାର୍ ଆର୍ କଲ୍ୟାଣ୍‌କେ ଆଗ୍‌କେ ବଢ଼ାବାର୍ ଲାଗି ଜିଲ୍ଲା ପ୍ରଶାସନ୍ ପ୍ରତିଶ୍ରୁତିବଦ୍ଧ ବଲି କହିଛନ୍ ।

ସୁଗମ୍ୟ ଭାରତ୍ ଅଭିଯାନ ଆର୍ଏନ୍ୟୁ/ କଟକ୍

ସୁଗମ୍ୟ ଭାରତ୍ ଅଭିଯାନ୍‌କେ ଆଏଜ୍ ୯ ବଛର୍ ପୁରା ହେଇଛେ । ଦିବ୍ୟାଙ୍ଗ ମାନ୍‌କର୍ ଲାଗି ଗୁଟେ ସୁଲଭ ଆଉ ଗୁଟେ ସମାବେଶୀ ଭାରତ୍ ସୃଷ୍ଟି କର୍‌ବାର୍ ଉଦ୍ଦେଶ୍ୟ୍ରେ ଇଟା ଗୁଟେ ପରିବର୍ତ୍ତନଶୀଳ ପଦକ୍ଷେପ୍ ଆଏ । ଇ ଅଭିଯାନ୍ ଭିତିଭୂମି, ପରିବହନ୍ ଆର୍ ସାର୍ବଜନୀନ ଜାଗାକେ ଅଏତ୍‌କା ସୁଗମ୍ୟ କର୍‌ବାର୍‌କେ ଧ୍ୟାନ୍ ଦେସି । ଦିବ୍ୟାଙ୍ଗ ମାନ୍‌କର୍ ଅଧିକାର୍, ଆବଶ୍ୟକତା ଆର୍ ସୁଲଭ ସାର୍ବଜନୀନ ପରିବହନ୍ ଉପ୍‌ରେ ସଚେତନତା ସୃଷ୍ଟି କର୍‌ବାର୍‌ଟା ଇ ଅଭିଯାନ୍‌ର ମୁଲ୍ ଲକ୍ଷ୍ୟ ଆଏ ।

ପଂଚାୟତିରାଜ୍ ମନ୍ତ୍ରୀ-ପିଇବା ପାଣି ଆର୍ଏନ୍ୟୁ/ କଟକ୍

ସମ୍‌କୁ ସଫା ପିଇବାର୍ ପାଏନ୍ ଯୁଗେଇ ଦେବାର୍ ଲାଗି ରାଜ୍ୟ ସର୍‌କାର୍ ଜୋର୍ ଦେଇକରି କାମ୍ କରୁଛନ୍ ବଲି ପଂଚାୟତିରାଜ୍ ମନ୍ତ୍ରୀ ରବି ନାରାୟଣ୍ ନାଏକ୍ କହିଛନ୍ । ଆଏଜ୍ ବିଧାନ୍‌ସଭାଥି ବିଧାୟକ୍ ଶୌଭିକ୍ ବିଶ୍ୱାଲ୍ ଆଉ ଅଲ୍‌ଗା ସଦସ୍ୟଙ୍କର୍ ଅତିରିକ୍ତ ପ୍ରଶ୍ନର୍ ଉତର୍‌ଥି ମନ୍ତ୍ରୀ ଶ୍ରୀ ନାୟକ୍ କହିଛନ୍ ଯେ, ୨ ଶହ ୭ ଟା ମେଗା ପାନୀୟ ଜଳ

ପ୍ରକଳ୍ପ ଭିତ୍‌ରୁ ୧୬ ଟା ପ୍ରକଳ୍ପର୍ କାମ୍ ଶେଷ୍ ହେଇଥିବାର୍ ବେଲେ ଶହେ ୯୧ ଟା ପ୍ରକଳ୍ପ ୨୦୨୬ ମସିହାତକ୍ ଶେଷ୍ କର୍‌ବାର୍ ସର୍‌କାର୍ ଲକ୍ଷ୍ୟ ରଖିଛନ୍ । ସେ କହିଛନ୍ ଯେ, ପହେଲା ଖେପେ ୨୦୨୫ ମସିହାର୍ ମାର୍ଚ୍ଚ ମାସ୍‌ତକ୍ ୫୬ ଟା, ଡିସେମ୍ବର୍‌ତକ୍ ୫୪ ଟା ପ୍ରକଳ୍ପର୍ କାମ୍ ସାର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ । ସେଆଡ଼େ ୨୦୨୨ -୨୩ ଥି ମୁଲ୍ ହେଇଥିବା ୮୧ ଟା ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ମାନ୍‌କର୍ ୨୦୨୬ ତକ୍ ପୁରା କରାଯିବା ବଲି ମନ୍ତ୍ରୀ ଶ୍ରୀ ନାୟକ୍ ଗୃହ ନ କହିଛନ୍ ।

ବିଧାୟକ୍ ଦରମା ବୃଦ୍ଧି ଦାବି ଆର୍‌ଏନ୍‌ୟୁ/ କଟକ୍

ବିଧାନ୍‌ସଭାଥି ଆଘର୍ ବିଧାୟକ୍‌ମାନ୍‌କର୍ ପେନ୍‌ସନ୍ ଆର୍ ଏଭର୍ ବିଧାୟକଙ୍କର୍ ଦର୍‌ମା ବଢ଼ାବାର୍‌କେ ନେଇକରି ଶାସକ୍ ଆର୍ ବିରୋଧୀ ଦଲ୍‌ର ସଦସ୍ୟମାନେ ଦାବୀ କରିଛନ୍ । ଆଏଜ୍ ଶୂନ୍ୟକାଳଥି ବିଧାୟକ୍‌ମାନେ ଆଘର୍ ସର୍‌କାର୍ ସମିଆଥି ଗଠିତ୍ କମିଟିର୍ ସୁପାରିଶ୍‌କେ ଜଲ୍‌ଦି ଲାଗୁ କର୍‌ବାର୍‌କେ ଦାବି କରିଛନ୍ । ସୂଚ୍‌ନା ଅନ୍‌ସାରେ ଏଛେନ୍ ସାରା ଦେଶେ ବିଧାୟକ୍‌ମାନ୍‌କୁ ଦର୍‌ମା ଦେବାର୍ କ୍ଷେତ୍ରଥି ଓଡ଼ିଶା ୨୭ ନମ୍ବର୍ ଠାନେ ରହିଛେ । ଇତାର୍‌ଛଡ଼ା

ବିଧାୟକ୍‌ମାନ୍‌କର୍ ହାତ ପାଣ୍ଠି ୩ କୋଟିନୁ ୫ କୋଟି ଟଙ୍କାକେ ବଢ଼ାବାର୍‌କେ ଦାବି କରାଯାଇଛେ । ଇ ପ୍ରସଙ୍ଗଥି ବାଚସ୍ପତି ସୁରମା ପାଢ଼ୀ ରୁଲିଂ ଦେଇଛନ୍ । ବାଚସ୍ପତି କହିଛନ୍ ଯେ, ବିଧାୟକଙ୍କର୍ ଦର୍‌ମା ବଢ଼ାବାର୍ ଆର୍ ଆଘର୍ ବିଧାୟକଙ୍କର୍ ପେନ୍‌ସନ୍ ବଢ଼ାବାର୍ ଦାବି ନେଇକରି ସଂସଦୀୟ ବ୍ୟାପାର୍ ମନ୍ତ୍ରୀ ସର୍‌କାର୍‌ଙ୍କର୍ ପାଖେ ଉପସ୍ଥାପନ୍ କର୍‌ବେ । ବାଚସ୍ପତି ନିଜେ ମୁଖ୍ୟମନ୍ତ୍ରୀଙ୍କୁ ଇ ବାବ୍‌ଦେ ଜନାବେ ବଲି କହିଛନ୍ ।

ରାଜ୍ୟସଭା ଉପ ନିର୍ବାଚନ ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟସଭା ଉପ ନିର୍ବାଚନ୍ ଲାଗି ବିଧାନ୍‌ସଭା ତର୍‌ଫୁ ବିଧିବଦ୍ଧ ଭାବେ ଆଏଜ୍ ବିଜ୍ଞପ୍ତି ବାହାରିଛେ । ବିଜ୍ଞପ୍ତି ଅନ୍‌ସାରେ ଆଏଜ୍‌ଠାନୁ ଡିସେମ୍ବର୍ ୧୦ ତାରିଖ୍‌ତକ୍ ପ୍ରାର୍ଥୀମାନେ ନାମାଙ୍କନ୍ ପତ୍ର ଦାଖଲ୍ କରିପାର୍‌ବେ । ୧୧ ତାରିଖ୍ ଦିନ ପ୍ରାର୍ଥୀପତ୍ର ଯାଂଚ୍ ଆର୍ ୧୩ ତାରିଖ୍‌ତକ୍ ପ୍ରାର୍ଥୀପତ୍ର ପ୍ରାତ୍ୟାହାର୍ ଲାଗି ଦିନ ଧାରିଜ୍ କରାଯାଇଛେ । ୨୦ ତାରିଖ୍ ଦିନ ସଖାଲର୍ ୯ ବଜେନୁ ଉପର୍‌ବେଲା ୪ ବଜେତକ୍ ଭୋଟ୍ ନିଆଯିବା । ଇତାର୍ ଉତ୍‌ରୁ ଭୋଟ୍ ଗନ୍‌ତି ହେବା ବଲି ଜନାପଡ଼ିଛେ । ଇନ ଜନେଇ ଦିଆଯାଇପାରେ

ଯେ, ରାଜ୍ୟସଭା ସାଂସଦ୍ ସୁଜିତ୍ କୁମାର୍ ଇସ୍ତଫା ଦେବାର୍ ଉତ୍ରୁ ସେ ପଦ୍ବୀ ପୂରଣ୍ ଲାଗି ଉପନିର୍ବାଚନ୍ ହେଉଛେ ।

ଜଳସମ୍ପଦ୍ ବିଭାଗ୍-ପ୍ରଭାରୀ    ସୂଚନା ଲୋକସମ୍ପର୍କ ବିଭାଗ୍

ଜଳସମ୍ପଦ୍ ବିଭାଗ୍ ଅଧୀନ୍ଥି ଥିବା ଭିନ୍ ଭିନ୍ ପ୍ରକଳ୍ପ ଆଉ ଯୋଜ୍ନା ମାନ୍କର୍ ସମ୍ପାଦନ ଆର୍ ଅଗ୍ରଗତିକେ ତଦାରଖ୍ କରାଯିବା । ଇଥିର୍ଲାଗି ରାଜ୍ୟ ସର୍କାର୍ ୩୦ ଟା ଜିଲ୍ଲା ଲାଗି ବିଭାଗୀୟ ଉଚ୍ଚ ଅଧିକାରୀମାନ୍କୁ ଜଳ ପ୍ରଭାରୀ ଭାବେ ନିଯୁକ୍ତ କରିଛନ୍ । ଇ ଅଧିକାରୀମାନେ ଫିଂ' ଦୁଇ ମାସେ ଥରେ ନିଜର୍ ଦାୟିତ୍ୱଥି ଥିବା ଜିଲ୍ଲାକେ ଯାଇକରି ବିଭାଗୀୟ ଯୋଜ୍ନା ମାନ୍କର୍ ସମୀକ୍ଷା କର୍ବେ ।